ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID/DoWR-OLIC(OD)-1042/13/01/2021

# ଅଧିକାରୀମାନେ ଶିବିର ଆୟୋଜନ କରି କୃଷକମାନଙ୍କର ସମସ୍ୟା ବୁଝନ୍ତୁ ।

## -ଉଠାଜଳସେଚନ ନିଗମ ଅଧକ୍ଷ ଶ୍ରୀ ଅମରେଶ ପତ୍ରୀ

ଭୁବନେଶ୍ୱର ତା-୧୩.୦୧.୨୦୨୧

ଓଡିଶା ଉଠାଜଳସେଚନ ନିଗମ ଅଧକ୍ଷ ଶ୍ରୀ ଅମରେଶ ପତ୍ରୀ ତାଙ୍କର ବରଗଡ ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଜିଲ୍ଲାର ବରଗଡ ଓ ବରପାଲି ଅଞ୍ଚଳରେ ଉଠା ଜଳସେଚନର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ । ପାଣି ପଞ୍ଚାୟତର କାର୍ଯ୍ୟକର୍ତ୍ତାମାନଙ୍କ ସହ ବୈଠକ କରିଥିଲେ ଓ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରି ତାଙ୍କର ସୁବିଧା ଅସୁବିଧା ବୁଝିଥିଲେ ଏବଂ ସେସବୁର ତୁରନ୍ତ ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ସେ କହିଥିଲେ ଯେ, ଚାଷୀଭାଇମାନେ ସେମାନଙ୍କର ସମସ୍ୟା ନେଇ କାର୍ଯ୍ୟାଳୟକୁ ଆସିବେ ନାହିଁ । ଆବଶ୍ୟକତା ଅନୁଯାୟୀ ଅଧିକାରୀମାନେ କ୍ୟାମ୍ପ କରି କୃଷକମାନଙ୍କ ନିକଟରେ ପହଞ୍ଚିବା ଦରକାର ବୋଲି ଶ୍ରୀ ପତ୍ରୀ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ଅଧିକ ସଂଖ୍ୟକ ଉଠାଜଳ ପ୍ରକଳ୍ପ ଥିବାରୁ ଓ ଚାଷୀମାନଙ୍କ ଉତ୍ସାହ ଏବଂ ଅନୁରୋଧ କ୍ରମେ ସେ ତାଙ୍କର ଗସ୍ତ କାର୍ଯ୍ୟକ୍ରମକୁ ବୃଦ୍ଧି କରି ତୃତୀୟ ଦିନରେ ଜିଲ୍ଲାର ଗାଇସିଲଟ , ପଦ୍ମପୁର , ପାଇକମାଲ ଗସ୍ତ କରି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ ପୂବକ ଚାଷୀମାନଙ୍କ ସହ ପ୍ରତ୍ୟକ୍ଷ ଆଲୋଚନା କରିଥିଲେ । ଚାଷୀମାନେ ଉଠାଜଳସେଚନ ପ୍ରକଳ୍ପରୁ ବହୁଳ ଭାବେ ଉପକୃତ ହେଉଥିବାରୁ ଏବଂ ଏହା ଯୋଗୁଁ ସବୁ ଋତୁରେ ଅନ୍ୟାନ୍ୟ କିସମର ଚାଷ କରି ସେମାନେ ଲାଭବାନ ହେଉଥିବାରୁ ଜିଲ୍ଲାର କୃଷକମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପତ୍ରୀଙ୍କର ଏହି ପରିଦର୍ଶନ ସମୟରେ ଉଠାଜଳସେଚନ ନିର୍ବାହୀଯନ୍ତ୍ରୀ ସତ୍ୟନାରାୟଣ ତ୍ରିପାଠୀ , ଏସଡିଓ ବରଗଡ ସହଦେବ ସେଠୀ , ଏସଡିଓ ସୋହେଲା ବିଜୟ କୁମାର ଧର ଏବଂ ଏସଡିଓ ପଦମ୍ ପୁର କିଶୋର ଚନ୍ଦ୍ର ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ ।

ପଠାଣି ରାଉତ
ସୂଚନା ଅଧିକାରୀ